## ପ୍ରଚାର ଡ଼ାଏରୀ

ତା.୧୫.୦୪.୨୦୧୪

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

### କଂଗ୍ରେସ ପାର୍ଟିର ନୂତନ ସ୍ଲୋଗାନ ' ମେଁ ନେହିଁ ମମ '

ଗତକାଲି ଏକ ପ୍ରଖ୍ୟାତ ନିୟୁଜ ଚ୍ୟାନେଲରେ ନିର୍ବାଚନ ଓପିନିୟନ ପୋଲର ଫଳାଫଳ ପ୍ରକାଶିତ ହୋଇଥିଲା । ସେଥିରେ ବି.ଜେ.ପି କୁ ୨୨୬ ଟି ଆସନ ମିଳିବ ବୋଲି ଆଶା କରାଯାଉଥିବା ବେଳେ ମୋଟ ଉପରେ ଏନ.ଡ଼ି.ଏ କୁ ୨୭୫ ଟି ଆସନ ମିଳିବ ବୋଲି ଆଶା କରାଯାଏ । ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ପ୍ରକାଶ କରିବାର ଏହା ହେଉଛି ପ୍ରଥମ ଓପିନିୟମ ପୋଲ ଏବଂ ନିର୍ବାଚନ ଯେତେ ନିକଟତର ହେଉଛି ଓପିନିୟନ ପୋଲ ସେତେ ଅଧିକ ସ୍ୱଷ୍ଟ ହେଉଅଛି । କାରଣ ଦେଶର ଜନତାଙ୍କର କଂଗ୍ରେସ ସରକାର ଉପରୁ ଆସ୍ଥା ତୁଟିଯିବା ସହ ନରେନ୍ଦ୍ର ମୋଦିଙ୍କଠାରେ ସେମାନେ ଏକ ନୂତନ ଆଲୋକ ଦେଖିବାକୁ ପାଉଛନ୍ତି । ମୋ ନିଜ ଅନୁଭୂତିରୁ ପ୍ରକାଶ କରିବାକୁ ଚାହେଁ ଯେ ସବୁଠାରୁ ଅଗ୍ରଣି ଥିବା ପାର୍ଟି ସବୁବେଳେ ଆଶାଠଶରୁ ଅଧିକ ଆସନ ପାଇଥାଆନ୍ତି ।

ବର୍ତ୍ତମାନ କଂଗ୍ରେସ ପାର୍ଟି ଦିନକୁ ଦିନ ଲୋକପ୍ରିୟତା ହରାଇ ବସୁଥିବା ବେଳେ ତାହାର ପ୍ରଚାର ମଧ୍ୟ ଅବାସ୍ତବ ଓ ଦ୍ୱନ୍ଦ୍ୱାତ୍ମକ ହେଉଅଛି । ଦେଶ ପାଇଁ ତାଙ୍କର ବାର୍ତ୍ତା ମଧ୍ୟ ସେତେଟା ସ୍ୱଷ୍ଟ ନୁହେଁ । ତାହା ସହ କଂଗ୍ରେସ ପାର୍ଟି ଗତକାଲି ତାହାର ପ୍ରଚାରର ଦିଶା ପରିବର୍ତ୍ତନ କରିଅଛି । ପୂର୍ବରୁ ରାହୁଲ ଗାନ୍ଧି ପ୍ରଚାରର ନେତୃତ୍ୱ ନେଉଥିଲେ । ହେଲେ ବର୍ତ୍ତମାନ ତାଙ୍କ ମାତା ଶ୍ରୀମତୀ ସୋନିଆ ଗାନ୍ଧି ଆଗରେ ରହି ପ୍ରଚାରର ନେତୃତ୍ୱ ନେଉଛନ୍ତି । ଦେଶର ସମସ୍ତ ଟେଲିଭିଜନ ଚ୍ୟାନେଲକୁ ବୁକ କରି ତାହା ମାଧ୍ୟମରେ ଜନତାଙ୍କୁ ସମ୍ବୋଧନ କରୁଛନ୍ତି । ଗଣମାଧ୍ୟମ ଦ୍ୱାରା ଅହରହ କଂଗ୍ରେସର ବିଭିନ୍ନ ନେତାଙ୍କ ଇଣ୍ଟରଭ୍ୟୁ, ପ୍ରେସ କନଫରେନ୍ସ ତଥା ଭାଷଣ ପ୍ରସାରିତ ହେଉଅଛି । ମନେହୁଏ ଯେପରି ରାହୁଲ ଗାନ୍ଧିଙ୍କ ପାଖରୁ ଶ୍ରୀମତୀ ଗାନ୍ଧିଙ୍କର ଆତ୍ମବିଶ୍ୱାସ କମିଯାଇଛି । କାରଣ ଦୀର୍ଘ ଦିନ ଧରି ରାହୁଲ ଗାନ୍ଧି ଦେଉଥିବା ଭାଷଣ ମାଧ୍ୟମରେ ଦେଶର ଜନତା ବିଶେଷ ଭାବରେ ପ୍ରଭାବିତ ହେବା ଭଳି

ମନେହୁଏ ନାହିଁ । ଦେଶର ଦରଦାମ ବୃଦ୍ଧି, ଦୁଃସ୍ଥ ଅର୍ଥନୈତିକ ପରିସ୍ଥିତି, ଭ୍ରଷ୍ଟାଚାର ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ମର୍ଯ୍ୟଦାହାନୀ କେବେ ମଧ୍ୟ ଭାରତୀୟତା ବା ହିନ୍ଦୁସ୍ଥାନୀୟତାର ଅଂଶ ବିଶେଷ ହୋଇ ନପାରେ । ତେଣୁ ନିର୍ବାଚନର ଠିକ ପୂର୍ବରୁ ଏଭଳି ବାର୍ତ୍ତା ଜନତାଙ୍କ ମନକୁ ପରିବର୍ତ୍ତନ କରିବାର ସମ୍ଭାବନା ଖୁବ କମ । ତାଙ୍କ ଦ୍ୱାରା କ୍ରୟ କରାଯାଉଥିବା ଟି.ଭି ଚ୍ୟାନେଲରେ ଯେଉଁ ବାର୍ତ୍ତା ପ୍ରସାରିତ ହେଉଅଛି ତାହା କେବଳ ଏହି ବାର୍ତ୍ତା ଦିଏ କି କଂଗେସ ପାର୍ଟି ତାହାର ନୂତନ ସ୍ଲୋଗାନ ରଖିଛି ‘ ମେଁ ନେହିଁ ମମ ’ ।